## ଗ୍ରାମ୍ୟ ଜଙ୍ଗଲରେ ନିଆଁ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ କେନ୍ଦେଇପଶି ବିଟ୍ କେନ୍ଦୁଆପଡ଼ା ଗ୍ରାମ୍ୟ ଜଙ୍ଗଲର ୟୁକାଲି ପଟାସ ଜଙ୍ଗଲ ଓ କାଜୁ ଫିଲ୍ଡରେ ରବିବାର ସନ୍ଧ୍ୟାରେ ନିଆଁ ଲାଗି ଯାଇଥିଲା। ଫଳରେ ଏକର ଏକର ପରିମିତ ୟୁକାଲି ପଟାସ, ଆକାଶିଆ ଓ କାଜୁ ଗଛ ସବୁ ହୁତୁହୁତୁ ହୋଇ ଜଳି ଉଠିଥିଲା। ନିଆଁର ପ୍ରଖର ଏତେ ତୀବ୍ରତର ଥିଲା ଯେ ପାଟଣା ଅଗ୍ନିଶମ ବାହିନୀ ଓ ବନ ବିଭାଗ କର୍ମଚାରୀ ପହଞ୍ଚ ଉଦ୍ୟମ କରିଥିଲେ ହେଁ ଖବର ଲେଖାଯିବା ସୁଦ୍ଧା ଆୟତ୍ତ କରିପାରି ନ ଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅନୁରୂପ ଭାବେ ମଲ୍ଲାପଶି ବିଟ୍ ପାଟନାଳି ଗ୍ରାମ୍ୟ ଜଙ୍ଗଲରେ ମଧ ନିଆଁ ଲାଗିଯାଇଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ୨, ୧୨, ୪୫୮ ଶିଶୁଙ୍କୁ ପୋଲିଓ ବୁନ୍ଦା

**ବାଲେଶ୍ୱର ଅଫିସ, ୩୧।୧:** ବାଲେଶ୍ୱର ଜିଲାରେ ପଲ୍ସ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ରବିବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ୩ ଦିନ ଧରି ଚାଲିବ। ଜିଲାରେ ସର୍ବମୋଟ ୧୦୬୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି। ୪୨୫୨ କର୍ମଚାରୀ ଏବଂ ୨୦୯ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଜିଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ପ୍ରଥମ ଦିନରେ ଜିଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍‌ଗୁଡିକରେ ୦ରୁ ୫ବର୍ଷର ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡ଼ିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଏହା ଦିଆଯିବ। ସ୍ୱାସ୍ଥ୍ୟକର୍ମୀମାନେ ଦୁଇ ଦିନ ମଧ୍ୟରେ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ଏଡିଏମ୍‌ଓ ଡା. ପରେଶ ଚନ୍ଦ୍ର ନନ୍ଦୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଏଡିପିଏଚଓ ଡା. ରଞ୍ଜନ କୁମାର ନାୟକ ଓ ଡା. ଶଶାଙ୍କ ଶେଖର ଚୌଧୁରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର, ଡିପିଏମ୍ ଅନୀଲ କୁମାର ମହାନ୍ତି, ଡିଏମ୍‌ଆରସିଏଚ ଏଲିନା ସାମଲ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଛାତରୁ ପଡ଼ି ଶ୍ରମିକ ଗୁରୁତର

**ତେଲକୋଇ,୩୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ଗ୍ରାମରେ ଜଣେ ଶ୍ରମିକ ଛାତରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର କୁରବାନ ଖାଁ। ଛାତ କାମ କରୁଥିବାବେଳେ ସେ ଭାରସ୍ୟାମ ହରାଇ ତଳକୁ ଖସି ପଡ଼ିଥିଲେ। ଚିକିତ୍ସାପାଇଁ ତାଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଡକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୱାଇବିସି ରଣା ରେଞ୍ଜର ବିଜୟୀ

**ବଡବିଲ,୩୧।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ବିକାଶ ମହଲ ଖେଳପଡ଼ିଆରେ ମାଇନିଂ ଏରିଆ କ୍ରିକେଟ ଆସୋସିଏଶନ ପକ୍ଷରୁ ରବିବାର ବଡବିଲ ସୁପର ଲିଗ୍ ସିଜନ-୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଏଜେ ଫିଟନେଶକୁ ୩୯ ରନରେ ହରାଇ ୱାଇବିସି ରଣା ରେଞ୍ଜର ବିଜୟୀ ହୋଇଥିଲା। ୱାଇବିସି ରଣା ରେଞ୍ଜର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଏଜେ ଫିଟନେଶ ଟିମ ମାତ୍ର ୮୭ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଫହିମ ଖାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଲିଗ ମ୍ୟାଚରେ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଫେବୃୟାରୀ ୨୪ରେ ଫାଇନାଲ ମ୍ୟାଚ ଖେଳାଯିବ। ଆସୋସିଏଶନର ଅଧକ୍ଷ ଲାଲଟୁ ମହାନ୍ତ, ସଭାପତି ଲଛମନ ମହାନ୍ତ, ଉପସଭାପତି ବିକାଶ ସରୌଗୀ ଓ ସମ୍ପାଦକ ଭୋଲା ସିହ୍ନା ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ଜେଠୁରାମ ମହାନ୍ତ ଏବଂ ଅବତାର ସିଂହ ଖେଳ ପରିଚାଳନା କରିଥିଲେ।

## ମୟୂରଭଞ୍ଜ ପ୍ରିମିୟର ଫୁଟ୍‌ବଲ ଲିଗ୍ ଆରମ୍ଭ

**ବାରିପଦା ଅଫିସ,୩୧।୧:** ମୟୂରଭଞ୍ଜ ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ଡ. ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ଜିଲା ବିଜେଡି ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, ଲକ୍ଷ୍ମଣ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାରିପଦା ସ୍ଥିତ ହେମଚନ୍ଦ୍ରପୁର ଜାହିରାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଏପିଜେ ଅବଦୁଲ କଲାମ ପଡିଆରେ ପହଞ୍ଚିଥିଲା। ଏହି ଟୁର୍ନାମେଣ୍ଟରେ ବାରିପଦା ପୌରପାଳିକାର ୮ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ଟଳୁନି ଧାନ ବିକ୍ରି ଅବ୍ୟବସ୍ଥା

**ଭଣ୍ଡାରିପୋଖରୀ,୩୧।୧(ଡି.ଏନ.ଏ)**

ଚଳିତବର୍ଷ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ୯ ପ୍ରାଥମିକ ସେବା ସମବାୟ ସମିତି ଏବଂ ୬ ସ୍ୱୟଂସହାୟିକା ଗୋଷ୍ଠୀକୁ ଖରିଫ ଧାନ କିଣିବାକୁ ଅନୁମତି ମିଳିଥିବା ବେଳେ ମଣ୍ଡି ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ୮,୨୧୬ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି। ସେଥିମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି ୧୦ ଏକରରୁ ଅଧିକ ଜମି ପଞ୍ଜିକୃତ ମୋଟ ୫୭ ଚାଷୀ। ଧାନ ବିକ୍ରି ପାଇଁ ବିଭିନ୍ନ ସମିତି ଜରିଆରେ ହୋଇଥିବା ଚାଷୀଙ୍କ ପଞ୍ଜିକରଣ ବ୍ୟବସ୍ଥା ଏଯାଏ ଚୂଡ଼ାନ୍ତ ରୂପ ନେଇପାରି ନାହିଁ। ବିଭିନ୍ନ ମଣ୍ଡିରେ ଧାନ ବିକ୍ରି ଅବ୍ୟବସ୍ଥା ଏବେ ବି ଲାଗି ରହିଛି। ଅନେକ ଚାଷୀଙ୍କୁ କେତେ ପରିମାଣର ଧାନ ବିକି ପାରିବେ ସେ ସମ୍ପର୍କରେ ସୂଚନା ମିଳିନାହିଁ। ସେପଟେ ପୂର୍ବ ବର୍ଷଗୁଡ଼ିକରେ ଧାନ ବିକ୍ରି କରିଥିବା ଚାଷୀମାନଙ୍କୁ ପୁନଃ ପଞ୍ଜିକରଣ ସମୟରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି କେତକ ଚାଷୀଙ୍କ ଜମି ବିବରଣୀରେ ଭାଗଚାଷ କରାଯାଇଥିବା ଦର୍ଶାଇ ଅନ୍ୟ ଚାଷୀଙ୍କ ନାମରେ ପଞ୍ଜିକରଣ କରାଯାଇଥିବା ଅଭିଯୋଗ ହେଉଛି।



ନାଆଁମୀ ସମିତିରେ ପଡ଼ି ରହିଛି ଧାନବସ୍ତା।

ନାଆଁମୀ ସମିତିର ସଭ୍ୟ ଥିବା ତେନ୍ତୁଲିଆ ଗ୍ରାମର ଜୟନ୍ତ ମାଝୀ ଜିଲା ଯୋଗାଣ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ, ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି, ଦାୟିତ୍ୱରେ ଥିବା ସମିତି କର୍ମଚାରୀ ଓ ଅଧିକାରୀ ଜାଣିଶୁଣି ତାଙ୍କର ୨୩ ପ୍ଲଟରୁ ମାତ୍ର ୨ଟିକୁ ପଞ୍ଜିକରଣ ସମୟରେ ଉଲ୍ଲେଖ କରିଛନ୍ତି। ତାଙ୍କୁ ମାତ୍ର ୮ କୁଇଣ୍ଟାଲ ୭୪ କିଲୋ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯାଇଥିବା ବେଳେ ସେ କିପରି କୃଷି ଋଣ ପରିଶୋଧ କରିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ବ୍ଲକ ଅଞ୍ଚଳରେ ପ୍ରାୟ ୮ ଶହ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷେ ମଣ୍ଡିରେ ଧାନ ଦେବା ପାଇଁ ଚାଷୀଙ୍କୁ ଟୋକନ ପ୍ରଦାନରେ ବିଳମ୍ବ ହେଉଛି। କେତେକ କ୍ଷେତ୍ରରେ ଘରୋଇ ବ୍ୟବସାୟୀ ସରକାରୀ ଧାର୍ଯ୍ୟ ଦରଠାରୁ କୁଇଣ୍ଟାଲ ହଜାରରୁ ୧୧ ଶହ ଟଙ୍କା ଦରରେ ଧାନ କିଣୁଥିବା ଯୋଗୁ ଅନେକ କ୍ଷୁଦ୍ର ଚାଷୀ ଆର୍ଥିକ କ୍ଷତି ସହୁଛନ୍ତି। ବାଲିପୋଖରୀ ସମବାୟ ସମିତିରେ କଟନୀ ଛଟ୍‌ନୀକୁ ନେଇ ଚାଷୀ ଆନ୍ଦୋଳନ ହୋଇଥିଲା। ସରସଦା ସମବାୟ ସମିତିରେ ଗୋଟିଏ ସପ୍ତାହ ଧରି ଗଣ୍ଡଗୋଳ ପରିସ୍ଥିତି ଯୋଗୁ ଧାନକିଣା ବନ୍ଦ ରହିଥିଲା। ମିଲରଙ୍କ ଅସହଯୋଗ କାରଣରୁ ଜଳମଣ୍ଡୁଆ, ନାଆଁମୀ ଓ ସରସଦା ସମିତିରେ କେତେକାଂଶରେ ଧାନକିଣା ବାଧାପ୍ରାପ୍ତ ହେଉଛି। ଗତ ଗୁରୁବାର ସୁଦ୍ଧା ୧୫ ମଣ୍ଡିରେ ମୋଟ ୧,୨୫,୭୨୬,୫୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି। ନାଆଁମୀ ସମିତିରେ ୧୦୩୦.୭୭ କୁଇଣ୍ଟାଲ ଧାନ ଖୋଲାରେ ପଡ଼ି ରହିଛି। ଅଭିଯୋଗ ସମ୍ପର୍କରେ ନାଆଁମୀ ସମିତି ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଲୋକାଲ ମିଲର ଟାର୍ଗେଟ୍ ପୂରଣ କରିଥିବା ବେଳେ ସମ୍ବଲପୁର ଅଞ୍ଚଳର ୩ ମିଲର ଧାନ ଉଠାଉ ନାହାନ୍ତି। ମିଲରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଗାଡ଼ି ଭଡ଼ା ଅଧିକ ପଡୁଥିବାରୁ ସେମାନେ ଧାନ ଉଠାଉ ନାହାନ୍ତି ବୋଲି କହୁଛନ୍ତି।

## ବାଲେଶ୍ୱରରେ ନୂତନ ରେଳ ଡିଭିଜନ ସ୍ଥାପନ ଦାବି

**କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବଜ୍ୟୋତି**

**ବାଲେଶ୍ୱର ଅଫିସ, ୩୧।୧**



ବାଲେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ବାଲେଶ୍ୱରରେ ନୂତନ ରେଳ ଡିଭିଜନ ସ୍ଥାପନ ଦାବିନେଇ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖିଛନ୍ତି। ବିଶେଷ କରି ଉତ୍ତର ଓଡ଼ିଶାରେ ରେଳବାଇର ସର୍ବାଙ୍ଗୀନ ବିକାଶ ଲାଗି ପଟ୍ଟନାୟକ କେନ୍ଦ୍ର ରେଳମନ୍ତ୍ରୀ ଗୋଏଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଉତ୍ତରଓଡ଼ିଶାର ପ୍ରମୁଖ ବାଣିଜ୍ୟିକ ରାଜଧାନୀ ଭାବେ ବାଲେଶ୍ୱର ବିବେଚିତ। ଏଠାରେ ଏକ ରେଳ ଡିଭିଜନ ପ୍ରତିଷ୍ଠା ହେଲେ ଶିଳ୍ପର ବିକାଶ ସହ ରୋଜଗାର ସୃଷ୍ଟି ହୋଇପାରିବ। ସେହିପରି ବାଲେଶ୍ୱରରୁ ନୀଳଗିରି, କେନ୍ଦୁଝର ପର୍ଯ୍ୟନ୍ତ ରେଳଲାଇନ୍‌କୁ ସମ୍ପ୍ରସାରଣ କରାଗଲେ ଉକ୍ତ ଅଞ୍ଚଳର ଖଣିଖାଦାନ ଓ ଖଣିଜସମ୍ପଦର ବିକାଶ ସହ ବାଣିଜ୍ୟିକ ଓ ଶିଳ୍ପ ତଥା ବ୍ୟବସାୟର ଅଭିବୃଦ୍ଧି ହୋଇପାରିବ। ଅନୁରୂପ ଭାବେ ଜଳେଶ୍ୱରରୁ ଦୀଘା ୪୧କି.ମି. ରେଳପଥକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଗଲେ ୨୦୧୦-୧୧ ଆର୍ଥିକ ବର୍ଷରେ ୟୁପିଏ ସରକାରଙ୍କ ସମୟରେ ଅନୁମୋଦିତ ରେଳପ୍ରକଳ୍ପ ବାସ୍ତବ ରୂପ ନେଇପାରିବ। ଯଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ଓ ତ୍ୱରାନ୍ୱିତ ହେବାସହ ଜନସାଧାରଣଙ୍କ ଜୀବନଧାରଣ ମାନରେ ବ୍ୟାପକ ପରିବର୍ତ୍ତନ ହୋଇପାରିବ। ସେହିପରି ମୟୂରଭଞ୍ଜ ଜିଲାର ବୁଢ଼ାମରା-ଚକୁଳିଆ ସଂଲଗ୍ନ ରେଳଲାଇନ୍‌ର ବିକାଶ ହୋଇପାରିଲେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ସମ୍ପୂର୍ଣ୍ଣ ବିକାଶଧାରା ତ୍ୱରାନ୍ୱିତ ହେବ। ସମ ପରିମାଣରେ ଓଡ଼ିଶା ସହ ଖଡ଼ଗପୁର, ଟାଟାନଗର ସମ୍ପର୍କ, ଅର୍ଥନୈତିକ ଓ ସାମାଜିକ ବିକାଶ ହୋଇପାରିବ। ୟୁପିଏ ସରକାରଙ୍କ ଅମଳରେ ୨୦୦୯ ମସିହାରେ ୪୬୮ କୋଟିଟଙ୍କା ମଞ୍ଜୁର ହୋଇଥିଲେ ମଧ ନୂତନ ସର୍ଭେ କରିବା ଦ୍ୱାରା ଜନସାଧାରଣ ଚକିତ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଛନ୍ତି। ଉକ୍ତ ପ୍ରକଳ୍ପକୁ ଯଥାଶୀଘ୍ର ତ୍ୱରାନ୍ୱିତ କରିବାକୁ ଅନ୍ୟୁନ ୨୦୦କୋଟି ଟଙ୍କା ଚଳିତ ରେଳ ବଜେଟରେ ବ୍ୟୟବରାଦ କରିବା ସହ ଉପରୋକ୍ତ ପ୍ରକଳ୍ପଗୁଡ଼ିକ ଉପରେ ବ୍ୟକ୍ତିଗତ ଭାବେ କେନ୍ଦ୍ରମନ୍ତ୍ରୀ ଧ୍ୟାନ ଦେବାକୁ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

# ଥଇଥାନ ନ କରି ଉଚ୍ଛେଦକୁ ବିରୋଧ

**ବାଲେଶ୍ୱର ଅଫିସ,୩୧।୧**

ବାଲେଶ୍ୱର ସହରର ସର୍ବପୁରାତନ ନୂଆବଜାରସ୍ଥିତ ପରିବା ଓ ମାଛ ମାର୍କେଟ୍‌କୁ ଭଙ୍ଗାଯାଇ ନବୀକରଣ କରିବା ପାଇଁ ଏକ ପ୍ରକଳ୍ପ ପୌରପରିଷଦ ହାତକୁ ନେଇଛି। ଏନେଇ ଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ପ୍ରଶାସନ ପକ୍ଷରୁ ଦୋକାନଗୁଡ଼ିକୁ ଭାଙ୍ଗିବା ପାଇଁ ପୋଲିସ ଓ ଜେସିବ ସହିତ ପହଞ୍ଚିଥିବା ବେଳେ ଦୋକାନୀମାନେ ସଂଘବଦ୍ଧ ଭାବେ ବିରୋଧ କରିଥିଲେ। ସେମାନେ ପ୍ରଥମେ ଥଇଥାନ ପରେ ଉଚ୍ଛେଦ ଦାବି କରିଥିଲେ। ଫଳରେ ଉଚ୍ଛେଦ କାର୍ଯ୍ୟ ୩ଦିନ ପାଇଁ ସ୍ଥଗିତ ରଖାଯାଇଛି।

ରବିବାର ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଓ ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ ନୂଆବଜାରରେ ପହଞ୍ଚି ସଂଘର କର୍ମକର୍ତ୍ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ବ୍ୟବସାୟୀ ସଂଘ ଡାକରାରେ ବିଜେଡିର ବରିଷ୍ଠ ରାଜନେତା ଅରୁଣ ଦେ ଯୋଗଦେଇ ସହର ବିକାଶ ପାଇଁ ଏସବୁ କାର୍ଯ୍ୟ ଶୃଙ୍ଖଳିତ ଭାବେ କରାଯିବା ଉଚିତ୍। ତେବେ ଉଚ୍ଛେଦ ପ୍ରକ୍ରିୟା ପରେ ଉକ୍ତ ଦୋକାନୀମାନେ କିଭଳି ଥଇଥାନ ହେବେ ସେନେଇ ପ୍ରଶାସନ ଦୋକାନୀ ସଂଘ ସହିତ ଆଲୋଚନା କରିବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ ଶୁଭେନ୍ଦୁ ଦାସ ମାର୍କେଟ୍‌ରେ ଥିବା ୨ଶହରୁ ଅଧିକ ଉଠାଦୋକାନୀ ସମେତ ଅନ୍ୟାନ୍ୟ ଦୋକାନୀଙ୍କୁ ଥଇଥାନ କରିବା ଏବଂ ଏ ବାବଦରେ ପୌର ଅଧିକାରୀଙ୍କ ସହିତ ଆଲୋଚନା କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ୧୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ବ୍ୟବସାୟୀ ମହାସଂଘର ଅନ୍ୟତମ ନେତା ରଞ୍ଜନ ବାଗ, ସଂଘର ବରିଷ୍ଠ ନେତା ରତନ ଦାସପଟ୍ଟନାୟକ, ଗଙ୍ଗାଧର ନାୟକ, ଦୈତାରୀ ପାଢ଼ୀ, ରାଜକିଶୋର ଜୟଶ୍ୱାଲ, ରବୀନ୍ଦ୍ର ସାହୁ, ଗୋବିନ୍ଦ ସ, ପ୍ରଶାନ୍ତ ଭୋଇ ପ୍ରମୁଖ ଶତାଧିକ ବ୍ୟବସାୟୀ ବୈଠକରେ ଯୋଗଦେଇ ଉଚ୍ଛେଦ ହେବାକୁ ଥିବା ଦୋକାନୀମାନଙ୍କୁ ପ୍ରଶାସନ ଥଇଥାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ଦାବି କରିଥିଲେ।



ବ୍ୟବସାୟୀ ସଂଘର ବୈଠକ।

## ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଶାଳକାଠ ଜବତ

**ଭଦ୍ରକ ଅଫିସ/ପଦ୍ମପୁର, ୩୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର, କରଞ୍ଜମାଳ, ଧାମରା ବନ ବିଭାଗ ଓ ଭଦ୍ରକ ଭିଜିଲାନ୍ସର ମିଳିତ ଟିମ୍ ରବିବାର କଇଥଖୋଲାଠାରେ ଥିବା ଏକ ବେଆଇନ କାଠ ଗୋଦାମରେ ଚଢ଼ାଉ କରିଛି। ଚାନ୍ଦବାଲି ବ୍ଲକ କଇଥଖୋଲା ପଞ୍ଚାୟତର ଏକ ବ୍ୟାଙ୍କ ନିକଟରେ ଜଣେ ବ୍ୟବସାୟୀ ଦୋକାନ କରି ଦୀର୍ଘଦିନ ଧରି ଚୋରା କାଠ କାରବାର କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ବିଭାଗୀୟ ଅଧିକାରୀମାନେ ଦୋକାନରେ ଚଢ଼ଉ କରି ୨୪୫ ସିଫ୍ଟରୁ ଊର୍ଦ୍ଧ୍ୱ ଶାଳକାଠ ଜବତ କରିଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଭିଜିଲାନ୍ସ ଡିଏସ୍‌ପି ଦାକ୍ଷିଣୀ ଚରଣ ମୁର୍ମୁ, କନଷ୍ଟେବଳ ସୁନୀଲ ରଞ୍ଜନ ପାଢ଼ୀ, ସତ୍ୟନାରାୟଣ ମହାପାତ୍ର, ବାସୁଦେବପୁର ରେଞ୍ଜର ସୁଶାନ୍ତ କୁମାର ମହାନ୍ତି, ଧାମରା ରେଞ୍ଜର ଗଦାଧର ବିଶ୍ୱାଳ, କରଞ୍ଜମାଳ ରେଞ୍ଜର ବିମଳା ମଲ୍ଲିକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଗ୍ୟାସ୍ ସଂରକ୍ଷଣ ପାଇଁ ସାଇକେଲ ଶୋଭାଯାତ୍ରା



ଗାନ୍ଧୀପଡ଼ିଆରୁ ବାହାରିଥିବା ସଚେତନତା ରାଲି।

**ଭଦ୍ରକ ଅଫିସ, ୩୧।୧**

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଫ୍ଲାଗଶିପ୍ ଅଧୀନରେ ଗ୍ୟାସ୍ ସଂରକ୍ଷଣ ପାଇଁ ଭଦ୍ରକରେ ସାଇକେଲ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଗାନ୍ଧୀପଡ଼ିଆଠାରେ ସଚେତନତା ରାଲିକୁ ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଉଦ୍‌ଘାଟନ କରିଥିଲେ। ତୈଳ ଓ ଗ୍ୟାସ୍ ସଂରକ୍ଷଣ କରିବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଦୈନନ୍ଦିନ ଜୀବନରେ ଲୋକେ କିଭଳି ସଂରକ୍ଷଣ କରିବେ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ତୈଳ କମ୍ପାନୀ ଡିଲର ଏବଂ ଏଲ୍‌ପିଜି ବିତରକ ଉପସ୍ଥିତ ଥିଲେ।

## ହେଲାନି ରେମୁଣା ମହୋତ୍ସବ

**ରେମୁଣା, ୩୧।୧(ଡି.ଏନ.ଏ.)**

ଗତ ୧୨ ବର୍ଷ ଧରି ଜାକଜମକରେ ଆୟୋଜିତ ହୋଇ ଆସୁଥିଲା ରେମୁଣା ମହୋତ୍ସବ। ହେଲେ ସରକାରୀ ନିୟମକୁ ମାନି ମହାମାରୀ କରୋନା ଯୋଗୁ ଚଳିତବର୍ଷ ମହୋତ୍ସବ କାର୍ଯ୍ୟକ୍ରମ ନ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଦିନକୁ ସ୍ମରଣ ରଖିବା ପାଇଁ ଚଳିତବର୍ଷ ଆୟୋଜିତ ହୋଇଥିଲା ରକ୍ତଦାନ ଶିବିର। ରେମୁଣା ହାତୀଆଗଣ୍ଡ ଛକ ନିକଟ ମହୋତ୍ସବ ଅନୁଷ୍ଠିତ ହେଉଥିବା ପଡ଼ିଆରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବରକୁ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ କୁମାର ପଟ୍ଟନାୟକ, ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କମିଟି ସଭାପତି ବିଶ୍ୱମ୍ଭର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ରକ୍ତଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରୁ ୧୬୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଗ୍ରୀନ୍‌କାର୍ଡଧାରୀଙ୍କଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

**ଢେଙ୍କିକୋଟ, ୩୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ଚିକିଣିଆ ଅଞ୍ଚଳରେ ଗ୍ରୀନକାର୍ଡଧାରୀଙ୍କୁ ୨ଲକ୍ଷ ଟଙ୍କା ମିଳୁଥିବା ପ୍ରଲୋଭନ ଦେଖାଇ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଜଣେ ମହିଳାଙ୍କୁ ଲୋକେ ଶନିବାର ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ଉକ୍ତ ମହିଳାଙ୍କୁ ପଚରାଉଚୁରା କରି ଘଟଣା ବିଷୟରେ ଜାଣିବା ପରେ ଏନେଇ ଏକ ମାମଲା(ନଂ.୧୮/୨୧) ରୁଜୁ କରିଛନ୍ତି। ପରେ ସମ୍ପୃକ୍ତ ମହିଳାଙ୍କୁ ରବିବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମହିଳାଜଣକ ହେଲେ ଭାଲୁକିପତଳା ଗ୍ରାମର ସନ୍ତୋଷିନୀ ମହାନ୍ତ (୪୪)।

ସନ୍ତୋଷିନୀ ଗାଁ ଗାଁ ବୁଲି ଗ୍ରୀନକାର୍ଡଧାରୀ ମହିଳାଙ୍କୁ ଭେଟି ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରୀନକାର୍ଡଧାରୀମାନଙ୍କୁ ୨ଲକ୍ଷ ଟଙ୍କା ମିଳୁଥିବା କହିଥିଲେ। ସେସବୁର ସେ କାଗଜପତ୍ର କରୁଛନ୍ତି। ସେଥିପାଇଁ ସେ ୨୦ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ନେଇଛନ୍ତି। ସେସବୁ ଟଙ୍କା ସେ ଭୁବନେଶ୍ୱରରେ କାର୍ଯ୍ୟାଳୟ ଖୋଲିଥିବା ସସ୍ମିତା ସିଂ ନାମ୍ନୀ ମହିଳାଙ୍କୁ ଦେଇଛନ୍ତି ବୋଲି ଲୋକଙ୍କ ଆଗରେ ପ୍ରକାଶ କରିଛନ୍ତି। କେବଳ ଚିକିଣିଆ ନୁହେଁ ସନ୍ତୋଷିନୀ ଆଖପାଖ ଗ୍ରାମ ଝାରବେଡା, ବଡଜାମୁପସି, ଧ୍ରୁବପୀଟଣା, ଚିକିଣିଆ ଗ୍ରାମର ଶତାଧିକ ମହିଳାଙ୍କଠାରୁ ଟଙ୍କା ନେଇ ଠକି ନେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ଲକ୍ଷାଧିକ ଟଙ୍କାର ନକଲି ଜିନ୍ସ, ଟି-ଶାର୍ଟ ଜବତ



**ଭଦ୍ରକ ଅଫିସ, ୩୧।୧**

ଭଦ୍ରକ ଟାଉନ ଥାନା ପୋଲିସ ଶନିବାର ରାତିରେ କଲେଜ ରୋଡ୍ ସ୍ଥିତ ଏକ ଗାର୍ମେଣ୍ଟସ୍ ଦୋକାନରୁ ଲକ୍ଷାଧିକ ଟଙ୍କାର ନକଲି ଜିନ୍ସ ପ୍ୟାଣ୍ଟ ଓ ଟି-ଶାର୍ଟ ଜବତ କରିଛି। ଏ ନେଇ ୨ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟବସାୟୀ ଦିଲ୍ଲୀସ୍ଥିତ ନିର୍ଦ୍ଦିଷ୍ଟ ଏକ ବ୍ରାଣ୍ଡର ଲୋଗୋ ଲଗାଇ ନକଲି ଜିନ୍ସ ପ୍ୟାଣ୍ଟ ଓ ଟି-ଶାର୍ଟ ବିକ୍ରି କରୁଥିବା ନେଇ ଉକ୍ତ କମ୍ପାନୀ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଟାଉନ ପୋଲିସ ଏନେଇ ମାମଲା (ନଂ.୪୬/୨୧) ରୁଜୁ କରି ତଦନ୍ତ ପୂର୍ବକ ଉକ୍ତ ଦୋକାନରେ ଚଢ଼ଉ କରିଥିଲା।

## ଦୁର୍ଘଟଣାରେ ପରିବା ବ୍ୟବସାୟୀ ମୃତ, ବଜାର ବନ୍ଦ

**ଖଇରା, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡ ବଜାରର ପରିବା ବ୍ୟବସାୟୀ ରାମଚନ୍ଦ୍ର ସାହୁ(୬୮) ଶନିବାର ରାତିରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଶନିବାର ରାତି ପ୍ରାୟ ୯ଟାବେଳେ ସେ ଦୋକାନ ବନ୍ଦ କରି ଦାନ୍ତିଆ ଗ୍ରାମକୁ ଫେରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବଜାର କମିଟି ସଭାପତି ଇଂ. ରାଜେଶ ମହାକୁଡ ଓ ସମ୍ପାଦକ ଅଭିମନ୍ୟୁ ରାଉଳଙ୍କ ସମେତ ସମସ୍ତ ବ୍ୟବସାୟୀ ଶେଷଦର୍ଶନ କରିଥିଲେ।

# ପ୍ରତିଶ୍ରୁତିକୁ ପରଖୁଛନ୍ତି ଭୋଟର

**ବାରିପଦା ଅଫିସ,୩୧।୧**

■ମୟୂରଭଞ୍ଜ ଜିଲା ୫୬ନଂ. ଜିଲା ପରିଷଦ ଉପନିର୍ବାଚନ
■ଘରେ ଘରେ ନେତାଙ୍କ ଭିଡ଼

ମୟୂରଭଞ୍ଜ ଜିଲା ୫୬ନଂ. ଜିଲା ପରିଷଦ ଉପନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ବିଜେଡି ପ୍ରାର୍ଥୀ ଭାବେ ତୁଷାରେନ୍ଦୁ ଶେଖର ମହାନ୍ତ, ଭାଜପାରୁ ବଂଶୀଧର ବେରା, କଂଗ୍ରେସର ଚିତ୍ତବିକାଶ ମହାପାତ୍ର, ଜେଏମ୍‌ଏମ୍‌ରୁ ପ୍ରଦୀପ କୁମାର ମହାନ୍ତ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଶ୍ୱନାଥ ମହାନ୍ତ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଆସନ୍ତା ଫେବୃଆରୀ ୧୧ତାରିଖ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭୋଟ ଗଣତି ହେବାକୁ ଥିବା ବେଳେ ୧୨ତାରିଖରେ ଫଳାଫଳ ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀଙ୍କ ଠାରୁ ପ୍ରକାଶ। ତେବେ ପ୍ରଚାର ପାଇଁ ନେତାମାନେ ଘରକୁ ଘର ବୁଲୁଥିବା ବେଳେ ସେମାନେ ଦେଉଥିବା ପ୍ରତିଶ୍ରୁତିକୁ ଭୋଟର ପରଖୁ ଥିବା ଜାଣିବାକୁ ମିଳିଛି।

ସାରସକଣା ବ୍ଲକ ଭୁରସାଣୀ, ଜାଲଦା, ଝାରପୋଖରିଆ, ପାଣ୍ଡରା, ରାଜାଲୋକା, ଧାଙ୍ଗଡ଼ିଶୋଳ, ଉମାଦେଇପୁର ଓ ଶୀର୍ଷା ଆଦି ୮ଟି ପଞ୍ଚାୟତକୁ ନେଇ ୫୬ନଂ. ଜିଲାପରିଷଦ କ୍ଷେତ୍ର ରହିଛି। ପୂର୍ବତନ ଜିଲାପରିଷଦ ସଦସ୍ୟ ସ୍ୱର୍ଗତ ଭୁବନେଶ୍ୱର ମହାନ୍ତଙ୍କ ପରଲୋକ ପରେ ଏହି ଉପନିର୍ବାଚନ ହେବାକୁ ଯାଉଛି। ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କୁ ନେଇ ଦଳ ଏହି ଆସନକୁ ହାତେଇବାକୁ ଚେଷ୍ଟା ଜାରି ରଖିଛି। ଅନ୍ୟପଟେ ଭାଜପା ଶକ୍ତି ପ୍ରଦର୍ଶନ ଜାରି ରଖିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଆଧାର କରି ବିଜୟୀ ହେବାକୁ ଦଳ ରଣନୀତି ଚଳାଇଛି। ପ୍ରତି ପଞ୍ଚାୟତରେ ଥିବା ୱାର୍ଡରେ ନେତାଙ୍କ ଭିଡ଼ ଓ ଗହଳି ଲାଗି ରହୁଥିବା ବେଳେ ପ୍ରତିଶ୍ରୁତିର ସୁଅ ଛୁଟୁଛି। ଗତ ନିର୍ବାଚନରେ ସ୍ୱର୍ଗତ ମହାନ୍ତ ଏଠାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇ ପରେ ଭାଜପାକୁ ସମର୍ଥନ କରିଥିଲେ। ତେଣୁ ଏହି ଆସନକୁ ଅକ୍ତିଆର କରିବା ପାଇଁ ବିଜେଡି ଜୋରଦାର ପ୍ରୟାସ ଜାରି ରଖିଛି। ଅନ୍ୟପକ୍ଷରେ ସ୍ୱର୍ଗତ ମହାନ୍ତଙ୍କ ପୁତ୍ର ଇଂ. ତୁଷାରେନ୍ଦୁ ମହାନ୍ତଙ୍କୁ ବିଜେଡିରୁ ଟିକେଟ ମିଳିଛି। ତାଙ୍କ ପାଇଁ ଗୋଟିଏ ପଟେ ସହାନୁଭୂତି ଏବଂ ଅନ୍ୟପଟେ ଶାସକ ଦଳର ସମର୍ଥନ ରହୁଥିବା ବେଳେ ଭାଜପା ପ୍ରାର୍ଥୀ ବଂଶୀଧର ବେରାଙ୍କ ସହ ତାଙ୍କର କଡ଼ା ଟକ୍କର ହେବ ବୋଲି ଅନୁମାନ କରାଯାଉଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ବିଶ୍ୱନାଥ ମହାନ୍ତଙ୍କ ଲୋକପ୍ରିୟତା ଏହି ନିର୍ବାଚନରେ ବେଶ ପ୍ରଭାବ ପକାଇବ ବୋଲି ଆଲୋଚନା ହେଉଛି।

### ଆଦିବାସୀ ସେଙ୍ଗେଲ ଅଭିଯାନର ରାସ୍ତାରୋକୋ

ଉଦଳା,(ଡି.ଏନ.ଏ): ସାରନା ଧର୍ମକୁ ସରକାରୀ ମାନ୍ୟତା ଦାବିରେ ରବିବାର ଉଦଳାଠାରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଆଦିବାସୀ ସେଙ୍ଗେଲ ଅଭିଯାନର ଥ୍ରୀଷ୍ଟାର କମାଣ୍ଡର ମାଧବ ଚନ୍ଦ୍ର ସୋରେନ୍, ଖୁଣ୍ଟା ବ୍ଲକ ସଭାପତି ଉଦୟନାଥ ହେମ୍ବ୍ରମ୍, ଉଦଳା ବ୍ଲକ ସଭାପତି କାଳିଚରଣ ମୁର୍ମୁଙ୍କ ନେତୃତ୍ୱରେ ମହିଳା ପୁରୁଷମାନେ ଏକତ୍ରିତ ହୋଇ ଉଦଳା ହାଇସ୍କୁଲ ଛକଠାରେ ଦୁଇ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଫଳରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା।



## ସଂକ୍ଷେପରେ

### ଆଦିବାସୀଙ୍କ ବିକ୍ଷୋଭ

କୁଳିଅଣା,୩୧।୧(ଡି.ଏନ.ଏ): ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସାରନା ଧର୍ମକୋର୍ଡ ଲାଗୁ କରିବା ଦାବିରେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା କାମଡ଼ା ଛକସ୍ଥିତ ୧୮ନଂ ଜାତୀୟରାଜପଥରେ ଆଦିବାସୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଲ ଇଣ୍ଡିଆ ସାରନା ଧର୍ମ କେନ୍ଦ୍ରୀୟ ସମ୍ପାଦକ ଓଡ଼ିଶା ପ୍ରଦେଶ ଲାଦୁରାମ ସୋରେନଙ୍କ ନେତୃତ୍ୱରେ ଜୋନାଲ ସଭାପତି ହାମ୍ବ୍ରାୟ ମାରାଣ୍ଡି, ଶାମାଖୁଣ୍ଟା ବ୍ଲକ୍ ଆଦିବାସୀ ସେଙ୍ଗେଲ ଅଭିଯାନ ସଭାପତି ବାବୁଲୁ ମୁର୍ମୁ, ଅଲ ଇଣ୍ଡିଆ ସାରନା ଧର୍ମ ଓଡ଼ିଶା ରାଜ୍ୟ ସଭାପତି ସଂଖାର ବାସ୍କେ, ବାରିପଦା ସେଙ୍ଗେଲ ଅଭିଯାନ ସଭାପତି ହାମରାୟ ମାରାଣ୍ଡିଙ୍କ ଉପସ୍ଥିତିରେ ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଦାବି ଉପସ୍ଥାପନ କରିଥିଲେ।

### ଦୁର୍ଘଟଣାରେ ଦମ୍ପତି ଗୁରୁତର

ସୋର, ୩୧।୧(ଡି.ଏନ.ଏ.): ସୋର ମ୍ୟୁନିସିପାଲିଟି ଅଧୀନ ଜାତୀୟ ରାଜପଥ ମାଟିଆପଲା ଛକ ନିକଟରେ ରବିବାର ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏକ ଦମ୍ପତି ଗୁରୁତର ହୋଇଛନ୍ତି। ସୋର ସହର ବଡଖୁରୀ ଛକରେ ବ୍ୟବସାୟ କରୁଥିବା ରଜତ କୁମାର ବେହେରା ଓ ସ୍ତ୍ରୀ ସ୍ମୃତିରାଣୀ ବାଇକ୍‌ରେ କଲେଜ ଛକ ଆଡୁ ଉତ୍ତରେଶ୍ୱରକୁ ଆସୁଥିବା ବେଳେ ସାମ୍ନାରୁ ଆସୁଥିବା ଏକ ଅଜଣା ବାଇକ୍ ଧକ୍କା ଦେଇ ପଳାଇଥିଲା। ଦୁର୍ଘଟଣାରେ ରଜତଙ୍କ ସହ ସ୍ମୃତିରାଣୀ ଗୁରୁତର ହୋଇ ପଡିଥିଲେ। କବୀନ୍ଦ୍ର ପଣ୍ଡା ନାମକ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଏହି ଦମ୍ପତିଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ସେହିପରି ସୋର କୁପାରୀ ରାସ୍ତାର ରାଜବନ୍ଧ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଯୁବକ ଗୁରୁତର ହୋଇଛନ୍ତି।

### ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବନ୍ଧୁମିଳନ

କେନ୍ଦୁଝର, ୩୧।୧(ଡି.ଏନ.ଏ): କେନ୍ଦୁଝର ଟାଉନ ଥାନା ଅଧୀନ ଅଚିନ୍ତା ମଠଠାରେ ଜିଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ମୁରଲୀଧର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ୨୦୨୦ରେ ଅବସର ନେଇଥିବା ଲକ୍ଷ୍ମଣ କୁମାର ସାହୁ, ଚିନ୍ତାମଣି ପାତ୍ର, ପ୍ରଫୁଲ୍ଲ କୁମାର ଦଳେଇ, ହରିନାଥ ସ୍ୱାଇଁ, ଚନ୍ଦ୍ରକାନ୍ତ ତ୍ରିପାଠୀ ଓ ଗୌରହରି ବେହେରାଙ୍କୁ ସଂଘକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ରାୟ, ପ୍ରଫୁଲ୍ଲ କୁମାର ଦେଓ ଏବଂ ମୀନକେତନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସଂଘ ପକ୍ଷରୁ କେନ୍ଦୁଝର ସହରରେ ଥିବା ଦେବଦେବୀ ମନ୍ଦିର ସଫା କରିବା ଓ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବାଣ୍ଟିବା ଲାଗି ନିଷ୍ପତ୍ତି ହୋଇଥିଲା। ଅସୁସ୍ଥ ଥାଇ ମଧ ଶୁକଦେବ ସାହୁ, ବିକାଶ ରଞ୍ଜନ ଦାସ ଓ ନରୋତ୍ତମ ନାହକ ଦୂରଦୂରାନ୍ତରୁ ଆସି ଯୋଗ ଦେଇଥିବା କୁହାଯାଇଥିଲା। ସଂଘର ସ୍ଥାୟୀ ସଭାପତି କିଶୋର ଚନ୍ଦ୍ର ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।

### କ୍ଷେତ୍ରବାସୀଙ୍କୁ ପ୍ରକୃତିବନ୍ଧୁ ସମ୍ମାନ

ଚମ୍ପୁଆ, ୩୧।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତର ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ମହାନ୍ତଙ୍କୁ ବନବିଭାଗ ଦ୍ୱାରା ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ମହାନ୍ତ ୧୯୮୪ରେ ତୁରୁମୁଙ୍ଗା ଡିପି ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ୨୦୧୭ ଜ୍ୟୋତିପୁର ହାଇସ୍କୁଲରୁ ଅବସର ନେଇଥିଲେ। ଶିକ୍ଷକତା ସହିତ ଛାତ୍ରୀଛାତ୍ରଙ୍କୁ ସବୁଜ ପୃଥିବୀ ନିର୍ମାଣ ପାଇଁ ପ୍ରେରଣା ଦେଇ ଅନେକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଅବସର ପରେ ମହାନ୍ତ ନିଜ ବାଡି ବଗିଚା ସହିତ ଗ୍ରାମରେ ପଡିଥିବା ଖାଲି ସ୍ଥାନରେ ବିଭିନ୍ନ ଉପାଦେୟ ବୃକ୍ଷରୋପଣ କରି ସ୍ଥାନୀୟ ଅଞ୍ଚଳରେ ବୃକ୍ଷବନ୍ଧୁ ଭାବେ ପରିଚିତ ହୋଇଥିଲେ। ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ଫରେଷ୍ଟର ପ୍ରମୋଦ ବେହେରା, ଖଗେଶ୍ୱର ବାରିକ, ଭାଗିରଥି ମିଶ୍ର, ଜତିନ ସାହୁ ଓ ଫରେଷ୍ଟ ଗାର୍ଡ ପୁତୁଲୁ ନାଏକ, ଫକୀର ସେନାପତି ଓ ଚନ୍ଦ୍ରକାନ୍ତ ମହାନ୍ତଙ୍କ ଉପସ୍ଥିତିରେ କ୍ଷେତ୍ରବାସୀ ମହାନ୍ତଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ମୋରମ ନିଶାରେ ଖୋଳା ଚାଲିଛି ଗୋଚର ଜମି

ଖଇରା, ୩୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ରାଜସ୍ୱ କ୍ଷେତ୍ର ଅଧୀନ ରଟିଣା ତଥା ଆଖପାଖ ଗ୍ରାମ ନିକଟରେ ଥିବା ଗୋଚର ଓ ଚାଷଜମିରୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ହଜାର ହଜାର ଟ୍ରିପ ମୋରମ ଖୋଳି ରାତିଅଧିଆ ଚୋରାଚାଲାଣ କରୁଥିବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟଙ୍କା ଲୋଭରେ ଏହି ମୋରମ ମାଫିଆମାନେ କେତେଜଣ ଲୋକପ୍ରତିନିଧି, ତହସିଲ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଓ ଗାଡି ଡ୍ରାଇଭରଙ୍କୁ ହାତ କରି ଲୁଟପାଟ୍ ଚଳାଇଛନ୍ତି । ଫଳରେ ଗୋଚାରଣ ଭୂମି ବ୍ୟାପକ ଭାବେ ନଷ୍ଟ ହେଉଥିବାରୁ ଗୋପାଳକମାନେ ଚିନ୍ତାପ୍ରକଟ କରିଛନ୍ତି । ମୋରମ ମାଫିଆମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଶହ ଶହ ଗ୍ରାମବାସୀ ତହସିଲ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।

ଗ୍ରାମ ନିକଟରେ ଥିବା ଗୋଚର ଜମିଗୁଡିକରେ ଦୀର୍ଘଦିନ ହେଲା ଗ୍ରାମବାସୀ ଗୋରୁ ଚରାଇ ଆସୁଛନ୍ତି। ସେହି ପଡିଆ ତଳେ ମୋରମ ଗଚ୍ଛିତ ଥିବା ନେଇ ସେମାନେ ଜାଣିବା ପରେ କେତେଜଣ ମୋରମ ଲୁଟେରା ଗତ କିଛି ଦିନ ହେଲା ଲଗାତାର ଭାବେ ଖାତା ନଂ. ୬୦୯ ଓ ପ୍ଲଟ ୪୯୪ରେ ୧୨ଏକରରୁ ଊର୍ଦ୍ଧ୍ୱ ଜମି ଆବଦ୍ଧ କରି ମୋରମ ଖୋଳି ଚୋରାଚାଲାଣ କରୁଛନ୍ତି । ରାଜସ୍ୱ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସେମାନେ ପୂର୍ବ ସୂଚନା ପାଇ ଖସି ପଳାଉଛନ୍ତି । ଏଥିରେ ରାଜସ୍ୱ ବିଭାଗର କିଛି ତଳିଆ



ମୋରମ ଖୋଳଯିବା ପରେ ସୃଷ୍ଟି ହେଉଥିବା ବଡ ବଡ ଖାଲ।

କର୍ମଚାରୀ ଓ ଡ୍ରାଇଭର ସାମିଲ ଥିବା ନେଇ ଆଲୋଚନା ହେଉଛି । ମୋରମ ଖୋଳିବା ପରେ ଖୋଳାଯାଇଥିବା ବଡ ବଡ ଗାତରେ ପଡି ଧନଜୀବନ ହାନି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବର୍ତ୍ତନା ରାଜସ୍ୱ ନିରୀକ୍ଷକ ଗୀତାଞ୍ଜଳୀ ସିଂଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପାଇ ତହସିଲଦାରଙ୍କ ସହ ମୋରମ ଖୋଳାଯାଉଥିବା ସ୍ଥାନକୁ ଯାଇଥିଲେ ହେଁ ସେମାନେ ଖସି ପଳାଇଥିଲେ । ପୁଣି ଖୋଳା ଆରମ୍ଭ ହେବା ମାତ୍ରେ ତୁରନ୍ତ ଖବର ଦେବାକୁ ଗ୍ରାମବାସୀଙ୍କୁ କୁହାଯାଇଛି ବୋଲି କହିଛନ୍ତି ।

# କାର୍ ଧକ୍କାରେ ଯୁବକଙ୍କ ଜୀବନ ଗଲା

ବନ୍ତ,୩୧।୧(ଡି.ଏନ.ଏ.)

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବରହମପୁର ଛକ ନିକଟରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ କଣ୍ଟିଗଡିଆ ଗ୍ରାମର ବିନୋଦ ମହାନ୍ତି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ବିନୋଦ ଓ ତାଙ୍କ ଦାଦା ସୁଧାକର ମହାନ୍ତି ଶନିବାର ରାତିରେ ସାଇକେଲରେ ଛୟାଳସିଂ ବଜାରକୁ ଯାଉଥିଲେ। ବରହମପୁର ଛକ ନିକଟରେ ରାଜ୍ୟ ରାଜପଥକୁ ଉଠିବା ସମୟରେ ଆନନ୍ଦପୁର ଆଡୁ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ସେମାନେ ତଳେ ପଡ଼ି ଯିବାରୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିଥିଲେ। ସୁଧାକରଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ରାତିରେ ସ୍ଥାନୀୟ ଲୋକେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହିତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ରବିବାର ଏ ନେଇ ଥାନାରେ ଏକ ମାମଲା (ନଂ.୨୧/୨୧) ରୁଜୁ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଗଡ଼ଚଣ୍ଡୀ ସାଂସ୍କୃତିକ ପରିଷଦର ରୌପ୍ୟଜୟନ୍ତୀ

ଖଇରା, ୩୧।୧(ଡି.ଏନ.ଏ.)

**ନୃତ୍ୟ, ଗୀତର ଝଲକ ଦେଖାଇଲେ ଛାତ୍ରୀଛାତ୍ର**

ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ପର୍ଯ୍ୟଟନ କ୍ଷେତ୍ରରେ ସଂସ୍କୃତି ଓ କଳାକୁ ବଞ୍ଚାଇ ଆସିଥିବା ଗଡଚଣ୍ଡୀ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ସମାରୋହ ରବିବାର ମା' ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ବର୍ତ୍ତମାନ ଓ ପୂର୍ବରୁ ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀଛାତ୍ର ନୃତ୍ୟଗୀତର ଝଲକ ଦେଖାଇଛନ୍ତି । କଳାକାରଙ୍କ ଦ୍ୱାରା ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମଗ୍ର କୁପାରୀବାସୀ ନିଜକୁ ହଜାଇ ଦେଇଥିଲେ। ପରିଷଦ ସଭାପତି ଶରତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କୁପାରୀ ପର୍ଯ୍ୟଟନର ବିକାଶ କଥା କହିବା ସହ ଓଡିଆ ସଂସ୍କୃତିକୁ ବଞ୍ଚାଇ ରଖିଥିବା ଏହି ସଙ୍ଗଠନକୁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କବି ପ୍ରଶାନ୍ତ କୁମାର ଦାଶ ମୁଖ୍ୟବକ୍ତା ଓ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଲକ୍ଷ୍ମୀଧର ବେହେରା, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଧରିତ୍ରୀକୁ ଘରେ ଘରେ ପରିଚିତ କରାଇଥିବା ବଳରାମ ପଣ୍ଡା, ଖଇରା ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଅନାମ ଚରଣ ପଣ୍ଡା, କୈଳାସ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା, ଅବିନାଶ ପ୍ରଧାନ, କିଶୋର ଚନ୍ଦ୍ର ବେହେରା, ତପୋଧନ ବାରିକ, ଉମେଶ କୁମାର ଜେନା, ସୁନାମଧନ୍ୟ କବି ଡା ଉମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଅନୁଷ୍ଠାନ ପୁରାତନ ଛାତ୍ରୀଛାତ୍ର, ପଞ୍ଚାୟତର ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖପତ୍ର କୃପାଚାର୍ଯ୍ୟ ଅତିଥିମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା।



ଅସୁସ୍ଥ ବଳରାମ ପଣ୍ଡାଙ୍କୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରୁଛନ୍ତି।

# ବିଜୁ ଯୁବ, ଛାତ୍ର ନେତୃତ୍ୱ ମହାସମାବେଶ



ସମାବେଶରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୩୧।୧

ଭଦ୍ରକ ନେହେରୁ ଷ୍ଟାଡିୟମରେ ରବିବାର ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଯୁବ ଓ ଛାତ୍ର ନେତୃତ୍ୱ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ ଓ ଛାତ୍ରମାନଙ୍କୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ବୋଧନ ଦେଇ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଦଳକୁ ଆଗକୁ ନେବାକୁ ହେଲେ ଯୁବପିଢ଼ି ସଙ୍ଗଠିତ ହୋଇ ରହିବାକୁ ପଡ଼ିବ ବୋଲି ଉପସ୍ଥିତ ରାଜ୍ୟସ୍ତରୀୟ ନେତାମାନେ ପରାମର୍ଶ ଦେଇଛନ୍ତି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ବିଜେଡିର ଯୁବ ବ୍ୟାପାର ସାଧାରଣ ସମ୍ପାଦକ, ବିଧାୟକ ପ୍ରଣବ ବଳବନ୍ତରାୟ, ଛାତ୍ର ବିଜେଡି ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ କୁମାର ମଲ୍ଲିକ ଓ ବିଷ୍ଣୁବ୍ରତ ରାଉତରାୟ ଏବଂ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ଯୋଗ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲୁଲୁ ସାମଲ, ଯୁବ ବିଜେଡି ସମ୍ପାଦକ ପ୍ରିନ୍ସ ରାକେଶ ନାୟକ, ତଥାଗତ ସାମଲ, ରାକେଶ ପଣ୍ଡା, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଅଶୋକ ନାୟକ, ମୁକୁନ୍ଦଦେବ ସାମଲ, ପ୍ରୟାସକାନ୍ତି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ବନ୍ଦକଲା ଚାଇଲ୍ଡ ହେଲ୍ପଲାଇନ

ଯୋଡା, ୩୧।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ସହରର ୬ନଂ.ୱାର୍ଡ ବାଚୁହଟିଂଠାରେ ଚାଲିଥିବା ବାଲ୍ୟ ବିବାହକୁ ପୋଲିସ ଓ ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ବନ୍ଦ କରାଯାଇଛି।

ବାଚୁହଟିଂର ୧୩ବର୍ଷର ନାବାଳିକା ଓ ୧୮ବର୍ଷର ବାଳକ ସହିତ ବାଚୁହଟିଂ ତାରିଣୀ ମନ୍ଦିରରେ ବୈଦିକ ରୀତିରେ ଉଭୟ ପରିବାରର ମିଳିତ ସହଯୋଗରେ ବିବାହ ଚାଲିଥିଲା । ଚାଇଲ୍ଡ ହେଲ୍ପଲାଇନ ନମ୍ବରରେ ଫୋନ୍‌ରେ ଅଭିଯୋଗ ଆସିବା ପରେ ଚମ୍ପୁଆରୁ ଚାଇଲ୍ଡ ହେଲ୍ପଲାଇନ ଟିମ୍ ମେମ୍ବର ହିମାଦ୍ରି ନାଏକ, ଯୋଡା ପୋଲିସ, ଯୋଡା ଶିଶୁ ସୁରକ୍ଷା ମଞ୍ଚର ସଭ୍ୟା ଓ ସଭ୍ୟ, ଏକ ଏନ୍‌ଜିଓର କର୍ମଚାରୀ, ଯୋଡା ଆଇସିଡିଏସ୍‌ର ଅଧିକାରିଣୀ ଜୟନ୍ତୀ ମହାନ୍ତ ମିଳିତ ହୋଇ ରବିବାର ପୂର୍ବାହ୍ନ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ବିବାହକୁ ବନ୍ଦ କରିଥିଲେ । ନାବାଳିକା ଓ ବାଳକଙ୍କ ପରିବାରଙ୍କୁ ଯୋଡା ଥାନାକୁ ନିଆଯାଇଥିଲା । ସେଠାରେ ଉଭୟ ପରିବାର ପକ୍ଷରୁ ଏପରି ବିବାହ ନ କରିବା ପାଇଁ ପୋଲିସ ଆଗରେ ଏକ ଅଣ୍ଡରଟେକିଂ ଲିଖିତ ଭାବେ ଦେଇଥିଲେ ।

# ପ୍ରଥମ ଦିନରେ ୧,୭୦,୧୦୭ ଶିଶୁଙ୍କୁ ପୋଲିଓ ବୁନ୍ଦା

କେନ୍ଦୁଝର, ୩୧।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ଶିଶୁ ୱାର୍ଡରେ ରବିବାର ସକାଳେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ୧,୭୦,୧୦୭ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଏହାର ଉଦ୍‌ଘାଟନ କରି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ସିଡିଏମ୍‌ଓ ଡା. ଅଶୋକ କୁମାର ଦାସଙ୍କ ସମେତ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଜିଲାର ସମସ୍ତ ଡାକ୍ତରଖାନା, ସବ୍ ସେଣ୍ଟର, ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ସିଡିଏମ୍‌ଓ ସୂଚନା ଦେଇଥିଲେ। ସମୁଦାୟ ୮୬୦ ବୁଥ୍‌ରେ ୧୭୨୦ ଟିମ୍ ନିୟୋଜିତ ରହିଥିବା ସୂଚନା ଦିଆଯାଇଛି। ଜିଲାର ୧,୮୧,୬୯୮ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନର ସର୍ଭେଲିଆନ୍ସ ମେଡିକାଲ ଅଫିସର ଡା. ସନ୍ତୋଷ ସାହୁ କହିଛନ୍ତି।



ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଉଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଆରଡ଼ି, ୩୧।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ପୂଜ୍ୟପୂଜା ସଂସଦ ଭବନଠାରେ ରବିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ଓ ଭଦ୍ରକ ଜିଲା କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଉପେନ୍ଦ୍ର ପ୍ରସାଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି, କୋଷାଧ୍ୟକ୍ଷ ଅକ୍ଷୟ ମହାପାତ୍ର, ଶଙ୍କର ସୁବୋଧି, ରଜତ କୁମାର ଦାସ, ଶୁଭସ୍ମିତା ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ହୋତା, ପ୍ରାକ୍ତନ ଜିଲା ସମ୍ପାଦକ ସାଧୁ ଚରଣ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଜିଲା ସଭାପତି ରମାକାନ୍ତ ପରିଡା ଓ ସମ୍ପାଦକ ଭାବେ ପ୍ରଦୀପ୍ତ ଦାସଙ୍କୁ ଚୟନ କରାଯାଇଥିଲା। ଦେବବ୍ରତ ତ୍ରିପାଠୀ କାର୍ଯ୍ୟକାରୀ ସଭାପତି, ସୁବଳ ଚରଣ ପତ୍ରୀ ଉପସଭାପତି ଓ ଅରୁଣ ଶତପଥୀ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ।

# ଚାଷୀଙ୍କୁ ୬୪ ହଜାର ଦଣ୍ଡ

ରୂପସା, ୩୧।୧(ଡି.ଏନ.ଏ.)

**ବିଜୁଳି ନ ଥାଇ ଆସୁଛି ବିଲ୍**

୩ବର୍ଷ ଧରି ପ୍ରକଳ୍ପ ଅଚଳ। ପଡିଆ ପଡିଛି ଚାଷଜମି ମାତ୍ର ବିଦ୍ୟୁତ ବିଲ ଆସିଛି ୬୪ହଜାର ଟଙ୍କା । ଏମିତି ଘଟଣା ଦେଖିବାକୁ ମିଳିଛି ସଦର ବ୍ଲକ ଅଧୀନ କୁର ପଞ୍ଚାୟତରେ। ଏହି ପଞ୍ଚାୟତର ମଲ୍ଲିସାହି ଗ୍ରାମରେ ଉଠା ଜଳସେଚନ ବିଭାଗ ତରଫରୁ ୮ବର୍ଷ ତଳେ ଏକ ପ୍ରକଳ୍ପ ପ୍ରତିଷ୍ଠା କରାଯିବା ସହ ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଚାଷୀମାନଙ୍କୁ ନେଇ ହରିହରେଶ୍ୱର ନାମରେ ଏକ ପାଣି ପଞ୍ଚାୟତ ଗଠନ କରଯାଇଥିଲା। ଏହି ପ୍ରକଳ୍ପ ଅଧୀନରେ ଥିବା ୧୫ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ଉଭୟ ରବି ଓ ଖରିଫ ଫସଲ ଚାଷ କରି ଚାଷୀମାନେ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଗତ ୩ବର୍ଷ ତଳେ ଏହି ପ୍ରକଳ୍ପକୁ ସଂଯୋଗ କରୁଥିବା ବିଦ୍ୟୁତ ତାର ଚୋରି ହୋଇଯିବାରୁ ଏହା ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ପାଣି ଅଭାବରୁ ଚାଷକାମରେ ସମସ୍ୟା ଉପୁଜୁଥିବାରୁ ଚାଷୀମାନେ ବାରମ୍ବାର ରୂପସା ଓ ବାଲେଶ୍ୱରସ୍ଥିତ ବିଦ୍ୟୁତ ଅଫିସକୁ ଦୌଡି ମଧ କୌଣସି ସୁଫଳ ପାଇ ନ ଥିଲେ। ବିଦ୍ୟୁତ ବିଭାଗ ଏହି ପ୍ରକଳ୍ପକୁ ସକ୍ରିୟ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଉକ୍ତ ପାଣି ପଞ୍ଚାୟତ ନାମରେ ୬୪ହଜାର ୪୫୯ ଟଙ୍କାର ବିଦ୍ୟୁତ୍ ବିଲ୍ କାଟିଛି। ଯାହାକୁ କେନ୍ଦ୍ର କରି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ସହିତ ବିଦ୍ୟୁତ ବିଲ୍ ଛାଡ କରିବା ପାଇଁ ପାଣି ପଞ୍ଚାୟତର ସଭାପତି କୃଷ୍ଣଚନ୍ଦ୍ର ବେହେରା, କାହ୍ନୁଚରଣ ବେହେରା, ନିରଞ୍ଜନ ପ୍ରଧାନ, ବେଣୁଧର ବେହେରା, ପ୍ରଦୀପ ବେହେରା, ଗୋପୀନାଥ ପ୍ରଧାନ, ରଘୁନାଥ ପ୍ରଧାନ, ରତ୍ନାକର ବେହେରା, ପ୍ରଭାକର ବେହେରା, କାର୍ତ୍ତିକ ପ୍ରଧାନ, ହରିହର ପାତ୍ର, ପ୍ରତାପ ପରିଡା ଓ ପ୍ରଶାନ୍ତ ପରିଡା ପ୍ରମୁଖ ଦାବି କରିଛନ୍ତି।

# ଯୋଡ଼ା ଫ୍ଲାଏଓଭର ନିର୍ମାଣ ଆରମ୍ଭ

ଯୋଡ଼ା,୩୧।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରରେ ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ ଫ୍ଲାଏଓଭର। ଯୋଡ଼ା, ବାଂଶପାଣି, ଗୁରୁଡ଼ି, ବାମେବାରୀ ଆଦି ଅଞ୍ଚଳର ଜନସାଧାରଣ ବାରମ୍ବାର ଟ୍ରାଫିକ ସମସ୍ୟା ଯୋଗୁ ବାଇପାସ୍ କିମ୍ବା ଫ୍ଲାଏଓଭର ପାଇଁ ଦାବି କରିଆସୁଥିଲେ। ଗତ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଶିଳାନ୍ୟାସ କରିଥିଲେ। ରବିବାର ପୂର୍ବାହ୍ନରେ ଏହାର ଭୂମିପୂଜା କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ବଡ଼ବିଲ ତହସିଲଦାର ଆଲୋକ ପଟେଲ, ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଙ୍ଗଯୋଶୀ, ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ କର୍ପୋରେଶନ ଲିମିଟେଡ୍‌ର ନିର୍ବାହୀ ଯନ୍ତ୍ରୀ ଅଜିତ ସାହୁ, ଯନ୍ତ୍ରୀ ଧନେଶ୍ୱର ମାଝୀଙ୍କ ସମେତ ଡେଭ୍ରିକ୍ସ କମ୍ପାନୀର ପ୍ରକଳ୍ପ ସମନ୍ୱୟ ଅଧିକାରୀ ଭିପୁଲ ବାରୋଟ, କମ୍ପାନୀର ମାନବ ସମ୍ବଳ ଅଧିକାରୀ ଭାଗିରଥୀ ପଣ୍ଡା ଉପସ୍ଥିତ ଥିଲେ। ନିର୍ବାହୀ ଯନ୍ତ୍ରୀ ସାହୁ ସୂଚନା ଦେଇ କହିଥିଲେ, ସମ୍ପୂର୍ଣ୍ଣ କାର୍ଯ୍ୟ ଅବଧି ୩୦ ମାସ ଧାର୍ଯ୍ୟ କରାଯାଇଛି। ୨.୮୭୫ କି.ମି. ଲମ୍ବ ଏହି ଫ୍ଲାଏଓଭର ୩ ଲେନ୍ ବିଶିଷ୍ଟ ହେବ। ଏହାର ଖର୍ଚ୍ଚ ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ) ପକ୍ଷରୁ କରାଯିବ। ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମାନବ ସମ୍ବଳ ଅଧିକାରୀ ପଣ୍ଡା ପ୍ରଶାସନ ଓ ଅଞ୍ଚଳବାସୀଙ୍କ ସହଯୋଗ ମିଳିଲେ ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ। ଫ୍ଲାଏଓଭର ନିର୍ମାଣ ସମୟରେ, ଡାଇଭର୍ସନ ରୋଡ୍ ତିଆରି ନ ହେଲେ ଗମନାଗମନ କ୍ଷେତ୍ରରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ଯୋଡ଼ାଠାରୁ ବାମେବାରୀ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଉପୁଜିବ। ଯୋଡ଼ା ପୌରପାଳିକାର ୮ଟି ୱାର୍ଡ ଦେଇ ଫ୍ଲାଏଓଭର ନିର୍ମାଣ ହେବ ବୋଲି ନିର୍ବାହୀ ଅଧିକାରୀ ପାଙ୍ଗଯୋଶୀ କହିଛନ୍ତି।

# ନୂଆରୂପରେ ଶୋଭା ପାଇବ ଭୂଷଣ୍ଡେଶ୍ୱର ମନ୍ଦିର

ଭୋଗରାଇ, ୩୧।୧(ଡି.ଏନ.ଏ.)

ପର୍ଯ୍ୟଟକଙ୍କ ଆଢୁଆଳରେ ଥିବା ଏସିଆର ସର୍ବବୃହତ୍ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମନ୍ଦିର ଏବେ ନୂଆ ରୂପରେ ଶୋଭାପାଇବ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ସୁବର୍ଣ୍ଣରେଖା କୂଳରେ ଏହି ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ବହୁ ଶ୍ରଦ୍ଧାଳୁ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ୪୦କୋଟିରୁ ଊର୍ଦ୍ଧ୍ୱ ଅର୍ଥ ଆବଶ୍ୟକତା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ତାଙ୍କ ନିଜସ୍ୱ ପାଣ୍ଠି ଓ ସରକାରଙ୍କର ଅନୁଦାନରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ କରିଛନ୍ତି। ପଦ୍ମବିଭୂଷଣ ତଥା ରାଜ୍ୟସଭା ସଦସ୍ୟ ରଘୁନାଥ ମହାପାତ୍ର ନିଜସ୍ୱ ପାଣ୍ଠିରୁ ଦେଢ଼କୋଟି ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିବା ବେଳେ ଭୂଷଣ୍ଡେଶ୍ୱର ମନ୍ଦିର ପୁରୀ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଢ଼ାଞ୍ଚାରେ ନିର୍ମାଣ ହେବାର ସହମତି ପ୍ରକାଶ କରିଛନ୍ତି। ମନ୍ଦିର ନିର୍ମାଣ ପ୍ରଥମ ପର୍ଯ୍ୟାୟରେ ୧୫ରୁ ୧୬କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଥିବା ବେଳେ ରବିବାର ମନ୍ଦିର ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳରେ ବିଧାୟକ, ଟ୍ରଷ୍ଟବୋର୍ଡ଼ର ସଦସ୍ୟାସଦସ୍ୟ, ଜନପ୍ରତିନିଧି ଓ ବୈଷୟିକ କମିଟିର ଉଚ୍ଚସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ସମୀକ୍ଷା ବୈଠକ କରାଯାଇଥିଲା। ପ୍ରସିଦ୍ଧ ଭୂଷଣ୍ଡେଶ୍ୱର ମନ୍ଦିର ନୂତନ ନିର୍ମାଣ ସମ୍ପୂର୍ଣ୍ଣ ନିମନ୍ତେ ଅଦ୍ୟାବଧି ଭିତ୍ତିଭୂମି ସୁଦୃଢ଼ ପାଇଁ ୬୦ଫୁଟ୍ ଗଭୀରରୁ ୬୦ଟି ସ୍ତମ୍ଭ ସାଢ଼େ ୪ଫଟ୍ ଉଚ୍ଚରେ ଗଢ଼ାଯାଇଛି। ପୌରାଣିକ ଭିତ୍ତିଭୂମିକୁ ଆଧାର କରି ମନ୍ଦିର ନିର୍ମାଣ ହେଉଥିବାରୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ନୂଆ ଆକର୍ଷଣ ହେବାକୁ ଯାଉଛି। ଓଡ଼ିଶାର ବିଭିନ୍ନ ଧର୍ମପୀଠରୁ ପବିତ୍ର ମାଟି ଓ ପାଣି ଆଣି ଏହି ପ୍ରସିଦ୍ଧ ଶୈବପୀଠରେ ରଖାଯିବାକୁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଶୈବଭକ୍ତମାନଙ୍କୁ ନିବେଦନ କରାଯାଇଛି। ୧୨ଫୁଟ୍ ଗୋଲେଇ ସାଢ଼େ ୧୨ଫୁଟ୍ ଉଚ୍ଚ ଭୂଷଣ୍ଡେଶ୍ୱର ଲିଙ୍ଗ ସହ ୨୪ ଫୁଟ୍ ଗୋଲେଇର ବେଦୀର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଚାରିପାଖରେ କଂକ୍ରିଟ୍ କରାଯାଇଛି। ମନ୍ଦିର ସମ୍ପୂର୍ଣ୍ଣ ହେବା ନେଇ ଟେକ୍ନିସିଆନ୍‌ର ଉଚ୍ଚସ୍ତରୀୟ କର୍ମକର୍ତ୍ତାଙ୍କ ପରାମର୍ଶ ନିଆଯାଉଛି। ବହୁ ଅର୍ଥ ଆବଶ୍ୟକ ଥିବାରୁ ସବୁବର୍ଗର ଲୋକଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇଁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ନିବେଦନ କରାଯାଇଛି। ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ଅଧୀକ୍ଷଣଯନ୍ତ୍ରୀ ମାନସ ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ଟ୍ରଷ୍ଟବୋର୍ଡ଼ର ସଦସ୍ୟ ପଙ୍କଜାକ୍ଷ ପଣ୍ଡାଙ୍କ ସହ ଉଚ୍ଚପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ।



ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପସ୍ଥିତ ଭୋଗରାଇ ବିଧାୟକ ଅନନ୍ତ ଦାସ, ଅଧିକାରୀ ଓ ଟ୍ରଷ୍ଟବୋର୍ଡ଼ର ସଦସ୍ୟ।

